ଜିଲ୍ଲା ପ୍ରାଥମିକ ଶିକ୍ଷା ଅଧିକାରୀ,

ମାହାସାନା ଇତ୍ୟାଦି ଇତ୍ୟାଦି ।

ବନାମ

ବିଦୋତେଜକ ମଣ୍ଡଳ ଏବଂ ଅନ୍ୟମାନେ ଇତ୍ୟାଦି ।

4, ଅଗଷ୍ଟ 1995

[କେ. ରାମାସ୍ୱାମୀ ଏବଂ ବି.ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ବମ୍ବେ ପ୍ରାଥମିକ ଶିକ୍ଷା ଅଧିନିୟମ 1949:*

*ନିୟମ 115 (3)- ଏକକ ବିଦ୍ୟାଳୟ ଚଳାଉଥିବା ଅନୁଷ୍ଠାନମାନ- ଅଣ-ଶିକ୍ଷକ କର୍ମଚାରୀଙ୍କ ପାଇଁ ଅନୁଦାନ- ସହାୟତା ପାଇବାକୁ ହକଦାର କି- ନିର୍ଣ୍ଣିତ ଯେ ନାହିଁ ।*

**ଉତ୍ତରଦାତା ସଂଖ୍ୟା 1 ହେଉଛି ଏକ ନ୍ୟାସ ଯାହା ପ୍ରାଥମିକ ଶିକ୍ଷା ବିଦ୍ୟାଳୟ ଚଳାଉଥିବା ଏକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ । ଏହା ଜଣେ କିରାଣୀ ଏବଂ ଜଣେ ପିଅନ, ଅର୍ଥାତ୍ ଅଣ-ଶିକ୍ଷକ କର୍ମଚାରୀଙ୍କ ପାଇଁ ଅନୁଦାନ ସହାୟତା ଦାବି କରିଥିଲେ ।ଆବେଦନକାରୀମାନେ ଏହି ଦାବି ପ୍ରତ୍ୟାଖ୍ୟାନ କରିଥିଲେ । ଯେତେବେଳେ ନ୍ୟାସ, ଅନୁଚ୍ଛେଦ 226 ଅନୁଯାୟୀ ଆବେଦନ ଦାଖଲ କରିଥିଲା, ସେତେବେଳେ ଉଚ୍ଚ ନ୍ୟାୟାଳୟ ବମ୍ବେ ପ୍ରାଥମିକ ଶିକ୍ଷା ଅଧିନିୟମ 1949 ର ନିୟମ 115 ର ଉପନିୟମ (3) କୁ ବ୍ୟାଖ୍ୟା କରି ନିର୍ଣ୍ଣୟ ନେଇଥିଲେ ଯେ ଏକାଧିକ ବିଦ୍ୟାଳୟ ଚଳାଉଥିବା ଅନୁଷ୍ଠାନ, ଅଣ-ଶିକ୍ଷକ କର୍ମଚାରୀଙ୍କୁ ଅନୁଦାନ ସହାୟତା ପ୍ରଦାନ କରୁଥିବାବେଳେ, ଗୋଟିଏ ବିଦ୍ୟାଳୟକୁ ପ୍ରତ୍ୟାଖ୍ୟାନ କରିବା ଅନୁଚ୍ଛେଦ 14 ର ଉଲ୍ଲଂଘନ ଅଟେ, ତେଣୁ ଏହି ଆବେଦନ ।**

**ଆବେଦନକୁ ଅନୁମତି ପ୍ରଦାନ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: କେବଳ ନିୟମ ଭାବରେ ନୁହେଁ ଏବଂ ବରଂ ଅଭ୍ୟାସ ଆଧାରରେ, ପୌରପାଳିକା କିମ୍ବା କୌଣସି ବୈଧାନିକ ସଂସ୍ଥା ଦ୍ୱାରା ପରିଚାଳିତ କୌଣସି ବିଦ୍ୟାଳୟକୁ ଅନୁଦାନ-ସହାୟତା କିମ୍ବା ଅନ୍ୟ କୌଣସି ଉପାୟରେ କୌଣସି ଅର୍ଥ ପ୍ରଦାନ କରାଯାଏ ନାହିଁ । ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଶିକ୍ଷକଙ୍କ ସମେତ ଉପଯୁକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଶାସନିକ କାର୍ଯ୍ୟ କରାଯାଇଥାଏ । ତେଣୁ, ଅଣ-ଶିକ୍ଷକ କର୍ମଚାରୀଙ୍କ ପାଇଁ ଉତ୍ତରଦାତାମାନଙ୍କୁ**

**ଅନୁଦାନ ପ୍ରଦାନକୁ ପ୍ରତ୍ୟାଖ୍ୟାନ କରିବାରେ ଭେଦଭାବ ରହିଛି ବୋଲି ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେବା ଠିକ୍ ନୁହେଁ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 7091/1995 ଇତ୍ୟାଦି ।

ବିଶେଷ ଅନୁମତି ଆବେଦନ ସଂଖ୍ୟା 4255 /1992ରେ L.P.A ସଂଖ୍ୟା 129/93 ରେ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କର 3.3.94 ତାରିଖର ରାୟ ଏବଂ ଆଦେଶରୁ ।

ଦେୱାନୀ ଆବେଦନ ସଂଖ୍ୟା 7091/95 ରେ ଆବେଦନକାରୀଙ୍କ ପାଇଁ ନାରାୟଣ ସେଟ୍ଟୀ ଏବଂ ଏସ୍. ସି. ପଟେଲ ।

ଗୁଜରାଟ ରାଜ୍ୟ ପାଇଁ ଏସ୍. କେ. ଢୋଲାକିଆ ଏବଂ ଶ୍ରୀମତୀ ଏଚ୍. ୱାହି ।

ଉତ୍ତରଦାତାମାନଙ୍କ ପାଇଁ ଆର୍. ପି. ଭଟ୍ଟ ଏବଂ ଏମ୍. ଏନ୍. ଶ୍ରଫ୍ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଳମ୍ବକୁ କ୍ଷମା କରିଦିଆଯାଇଛି, ଅନୁମତି ପ୍ରଦାନ କରାଗଲା ।

L.P.A ସଂଖ୍ୟା 129/93 ଏବଂ ସମ୍ବନ୍ଧିତ ଅନ୍ୟ ମାମଲାରେ କରାଯାଇଥିବା ମାର୍ଚ୍ଚ 3,1994 ରେ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ବିଚାରପତିମିକ ଖଣ୍ଡପୀଠଙ୍କର ରାୟରୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନଗୁଡିକ ଉତ୍ପନ୍ନ ହୁଏ । ଉତ୍ତରଦାତା ସଂଖ୍ୟା 1 ଏକ ନ୍ୟାସ ଅଟନ୍ତି ଯାହା ପ୍ରାଥମିକ ଶିକ୍ଷା ବିଦ୍ୟାଳୟ ପରିଚାଳନା କରୁଥିବା ଏକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ । ଏହା ଜଣେ କିରାଣୀ ଏବଂ ଜଣେ ପିଅନ, ଅର୍ଥାତ୍ ଅଣ-ଶିକ୍ଷକ କର୍ମଚାରୀଙ୍କ ପାଇଁ ଅନୁଦାନ ଦାବି କରିଥିଲା । ଆବେଦନକାରୀମାନେ ଏହି ଦାବି ପ୍ରତ୍ୟାଖ୍ୟାନ କରିଥିଲେ । ଯେତେବେଳେ ସେମାନେ, ଅନୁଚ୍ଛେଦ 226 ଅନୁଯାୟୀ ଆବେଦନ ଦାଖଲ କରିଥିଲେ, ସେତେବେଳେ ଉଚ୍ଚ ନ୍ୟାୟାଳୟ ବମ୍ବେ, ପ୍ରାଥମିକ ଶିକ୍ଷା ଅଧିନିୟମ 1949 ର ନିୟମ 115 ର ଉପନିୟମ (3) କୁ ବ୍ୟାଖ୍ୟା କରି ନିର୍ଣ୍ଣୟ ନେଇଥିଲେ ଯେ ଏକାଧିକ ବିଦ୍ୟାଳୟ ଚଳାଉଥିବା ଅନୁଷ୍ଠାନ, ଅଣ-ଶିକ୍ଷକ କର୍ମଚାରୀଙ୍କୁ ଅନୁଦାନ ସହାୟତା ପ୍ରଦାନ କରୁଥିବାବେଳେ, ଗୋଟିଏ ବିଦ୍ୟାଳୟକୁ ପ୍ରତ୍ୟାଖ୍ୟାନ କରିବା ଅନୁଚ୍ଛେଦ 14 ର ଉଲ୍ଲଂଘନ ଅଟେ । ତେଣୁ, ଉତ୍ତରଦାତାଙ୍କ ବିଦ୍ୟାଳୟର ଅଣ-ଶିକ୍ଷକ କର୍ମଚାରୀଙ୍କୁ ଅନୁଦାନ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ତେଣୁ ପ୍ରଶ୍ନ ହେଉଛି, ଏକକ ବିଦ୍ୟାଳୟ ଚଳାଉଥିବା ଅନୁଷ୍ଠାନଗୁଡ଼ିକ କିରାଣୀ ଏବଂ ପିଅନ ଭଳି ଅଣ-ଶିକ୍ଷକ କର୍ମଚାରୀଙ୍କ ପାଇଁ ଅନୁଦାନ-ସହାୟତା ପାଇବାକୁ ହକଦାର କି? ନିୟମ 115 (1) ଏବଂ (3) ଏହିପରି ଦର୍ଶାଏ:

ଉପନିୟମ (1)"ସାଧାରଣତଃ ଯେକୌଣସି ବର୍ଷରେ ଏକ ଅନୁମୋଦିତ ଘରୋଇ ବିଦ୍ୟାଳୟକୁ ପ୍ରଦାନ କରାଯାଇଥିବା ଅନୁଦାନ ସହୟତା ହେଉଛି ସେହି ବର୍ଷ ପାଇଁ ପ୍ରଦାନ କରାଯାଇଥିବା ଅନୁଦାନ ଏବଂ ପୂର୍ବ ବର୍ଷ ବିଦ୍ୟାଳୟରେ ହାରାହାରି ଉପସ୍ଥାନରେ ଛାତ୍ରଙ୍କ ସଂଖ୍ୟା ଆଧାରରେ ଗଣନା କରାଯିବ ।

ଉଲ୍ଲେଖ ଥାଉ କି: -

(1) ଏକ ଅନୁମୋଦିତ ଘରୋଇ ବିଦ୍ୟାଳୟକୁ ଏହାର ଆସିବାର ପ୍ରଥମ ବର୍ଷରେ ଅନୁଦାନ, ଶିକ୍ଷା ବର୍ଷର ପ୍ରଥମାର୍ଦ୍ଧରେ ବିଦ୍ୟାଳୟରେ ଛାତ୍ରମାନଙ୍କର ହାରାହାରି ଉପସ୍ଥାନ ଉପରେ ଆଧାରିତ ହେବ । ତେବେ, ଏପରି ଅନୁଦାନ ବର୍ଷକ ମଧ୍ୟରେ ବିଦ୍ୟାଳୟର ଶିକ୍ଷକଙ୍କ ବେତନର ଆନୁମାନିକ ଖର୍ଚ୍ଚର ତିନି ଚତୁର୍ଥାଂଶରୁ ଅଧିକ ହେବ ନାହିଁ । ଏବଂ

(2) କୌଣସି ଅନୁମୋଦିତ ବିଦ୍ୟାଳୟକୁ କୌଣସି ଅନୁଦାନ ଏକ ବର୍ଷରେ ପ୍ରଦାନ କରାଯିବ ନାହିଁ, ଯଦି ସେହି ବର୍ଷକ ମଧ୍ୟରେ ଛାତ୍ରଛାତ୍ରୀଙ୍କ ହାରାହାରି ଉପସ୍ଥାନ 25 କିମ୍ବା ତା 'ଠାରୁ ଅଧିକ ହୋଇନଥିବ ।

ବ୍ୟାଖ୍ୟା-କୌଣସି ସଂଘ କିମ୍ବା ସମିତି ଦ୍ୱାରା ପରିଚାଳିତ ଦୁଇ କିମ୍ବା ତତୋଧିକ ଅନୁମୋଦିତ ବିଦ୍ୟାଳୟ କ୍ଷେତ୍ରରେ, ସଂଘ କିମ୍ବା ସମିତି ଦ୍ୱାରା ପରିଚାଳିତ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦୈନିକ ଉପସ୍ଥାନର ପ୍ରକୃତ ସଂଖ୍ୟାକୁ ଏକତ୍ର କରି ଏବଂ ଏହିପରି ପରିଚାଳିତ ବିଦ୍ୟାଳୟ ସଂଖ୍ୟା ଦ୍ୱାରା ମୋଟ ଭାଗ କରି ହାରାହାରି ଦୈନିକ ଉପସ୍ଥାନ ଗଣନା କରାଯିବ ।

ଉପନିୟମ (3)।"ସମୟ ସମୟରେ ନିର୍ଦ୍ଦେଶକଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀର ବଶବର୍ତ୍ତୀ ରହି, ଅନେକ ଅନୁମୋଦିତ ବିଦ୍ୟାଳୟ ପରିଚାଳନା କରୁଥିବା ଶିକ୍ଷା ସଂସ୍ଥା କିମ୍ବା ସଙ୍ଗଠନ ସେହି ଶୀର୍ଷକ ଅଧୀନରେ ସେମାନଙ୍କ ଅନୁମୋଦିତ ଖର୍ଚ୍ଚର ତିନି ଚତୁର୍ଥାଂଶ ଆନୁଷଙ୍ଗିକ ଖର୍ଚ୍ଚ ଅନୁଦାନ ଭାବରେ ପାଇବାକୁ ହକଦାର ହେବେ ।

ଏହି ନିୟମ ଶିକ୍ଷକମାନଙ୍କ ଉପରେ ମଧ୍ୟ ଲାଗୁ ହେବ କି ନାହିଁ ସେ ନେଇ ଉତ୍ପନ୍ନ ସନ୍ଦେହ ବିଷୟରେ ଆମେ ସରକାରଙ୍କୁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଛୁ । 11, ଜୁଲାଇ

1995 ରେ ଏକ ଅତିରିକ୍ତ ସତ୍ୟପାଠ ଶପଥ ପତ୍ର କରାଯାଇଛି ଯେଉଁଥିରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଡକ୍ଟର ଆଇ.ଏମ୍. ପଟେଲ ଅନୁଚ୍ଛେଦ 2 ରେ ଏହିପରି ବର୍ଣ୍ଣନା କରିଛନ୍ତି:

" ଏହି ମାମଲାରେ ଜଡିତ ବିବାଦ କେବଳ ଅଣ-ଶିକ୍ଷକ କର୍ମଚାରୀଙ୍କୁ ଦେୟ ଅନୁଦାନ ପ୍ରଦାନରେ ସୀମିତ । ଶିକ୍ଷାଦାନ କର୍ମଚାରୀଙ୍କ ଦରମା ଖର୍ଚ୍ଚ ପାଇଁ ଅନୁଦାନ ବିଷୟରେ କହିବାକୁ ଗଲେ, କୌଣସି ଅନୁଷ୍ଠାନ କିମ୍ବା ନ୍ୟାସ ଗୋଟିଏ କିମ୍ବା ଏକାଧିକ ବିଦ୍ୟାଳୟ ଚଳାଉଥିଲେ ମଧ୍ୟ ଘରୋଇ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ ଏହା ପ୍ରଦାନ କରାଯାଉଛି।ଶିକ୍ଷାଦାନ କର୍ମଚାରୀଙ୍କୁ ଦରମା ଖର୍ଚ୍ଚ ପାଇଁ ଦେୟ ଅନୁଦାନ 85 ପ୍ରତିଶତରୁ 95 ପ୍ରତିଶତ ମଧ୍ୟରେ ପ୍ରଦାନ କରାଯାଇଥାଏ । ଗୁଜରାଟ ସରକାରଙ୍କ ଶିକ୍ଷା ବିଭାଗର 1977 ମସିହା ଅକ୍ଟୋବର 11 ତାରିଖର ସଂକଳ୍ପର ନକଲ ଏଠାରେ ସଂଲଗ୍ନ ହୋଇଛି ଏବଂ ସଂଲଗ୍ନ "B" ଭାବରେ ଚିହ୍ନିତ ହୋଇଛି । ଏହା ଆହୁରି ଉପସ୍ଥାପିତ ହୋଇଛି ଯେ ଏପରିକି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ କିରାଣୀ କିମ୍ବା ପିଅନ ଭଳି ଅଣ-ଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦେବାର କୌଣସି ପ୍ରଥା ନାହିଁ । ଅନ୍ୟପକ୍ଷରେ, ଯଦି 200ରୁ ଅଧିକ ଛାତ୍ରଛାତ୍ରୀ ଅଛନ୍ତି, ତେବେ ଜଣେ ଅତିରିକ୍ତ ଶିକ୍ଷକ ନିଯୁକ୍ତିର ଅନୁମତି ରହିଛି । ଅଧିକନ୍ତୁ, ଏଭଳି ବିଦ୍ୟାଳୟରେ ଲିପିକ କାର୍ଯ୍ୟ ବହୁତ କମ୍ ହୋଇଥାଏ । ଶିକ୍ଷକମାନଙ୍କ ଦରମା ସରକାର ସିଧାସଳଖ ଚେକ୍ ଜରିଆରେ ପ୍ରଦାନ କରିଥାନ୍ତି । ଅଧିକନ୍ତୁ, ଉପରୋକ୍ତ 200ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ ନିଯୁକ୍ତ ଅତିରିକ୍ତ ଶିକ୍ଷକମାନେ ପ୍ରଶାସନିକ, କିରାଣୀ ଏବଂ ଆବଶ୍ୟକ ପଡ଼ିଲେ ଅନ୍ୟାନ୍ୟ ପ୍ରକାରର କାର୍ଯ୍ୟର ଦାୟିତ୍ୱ ଗ୍ରହଣ କରିଥାନ୍ତି । ଏପରିକି ଯେଉଁଠାରେ ଅନୁଷ୍ଠାନଟି ଏକାଧିକ ବିଦ୍ୟାଳୟ ଚଳାଉଛି, ସେଠାରେ ଅଣ-ଶିକ୍ଷକ କର୍ମଚାରୀଙ୍କ ଦରମା ଖର୍ଚ୍ଚ ପାଇଁ ଅନୁଦାନ ଦିଆଯାଇନଥାଏ । ଗୁଜରାଟ ରାଜ୍ୟରେ ଗୋଟିଏ ବି ପ୍ରାଥମିକ ବିଦ୍ୟାଳୟ ନାହିଁ ଯେଉଁଠାରେ ଅଣ-ଶିକ୍ଷକ କର୍ମଚାରୀଙ୍କ ଖର୍ଚ୍ଚ ଭରଣା ପାଇଁ ଆନୁଷଙ୍ଗିକ ଅନୁଦାନ ପ୍ରଦାନ କରାଯାଏ ।

ତେଣୁ ଏହା ସ୍ପଷ୍ଟ ହେବ ଯେ କେବଳ ନିୟମ ଭାବରେ ନୁହେଁ ବରଂ ପ୍ରଚଳିତ ଅଭ୍ୟାସ ଆଧାରରେ, ପୌରପାଳିକା କିମ୍ବା କୌଣସି ବୈଧାନିକ ସଂସ୍ଥା ଦ୍ୱାରା ପରିଚାଳିତ କୌଣସି ବିଦ୍ୟାଳୟକୁ ଅନୁଦାନ-ସହାୟତା କିମ୍ବା ଅନ୍ୟ କୌଣସି ଉପାୟରେ କୌଣସି ଟଙ୍କା ପ୍ରଦାନ କରାଯାଉଛି ନାହିଁ । ଅତିରିକ୍ତ ଶପଥ ପତ୍ର ଦର୍ଶାଯାଇଥିବା ଅନୁଯାୟୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଶିକ୍ଷକଙ୍କ ସମେତ ଉପଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶାସନିକ କାର୍ଯ୍ୟ କରାଯାଇଥାଏ । ଆମର ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟ, ତେଣୁ, ଏହା କହିବା ଠିକ୍ ନୁହେଁ ଯେ ଅଣ-ଶିକ୍ଷକ

କର୍ମଚାରୀଙ୍କ ପାଇଁ ଉତ୍ତରଦାତାମାନଙ୍କୁ ଅନୁଦାନ ପ୍ରଦାନକୁ ପ୍ରତ୍ୟାଖ୍ୟାନ କରିବାରେ ଭେଦଭାବ ରହିଛି ।

ତଦନୁସାରେ ଆବେଦନ ଗୁଡ଼ିକୁ ଅନୁମତି ଦିଆଗଲା । କୌଣସି ଖର୍ଚ୍ଚ ରହିବ ନାହିଁ ।

ଜି. ଏନ୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।